# NATIONAL NEWS BULLETIN (ODIA)

**10 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିଜେପି ସଂକଳ୍ପପତ୍ରର ଶୁଭାରମ୍ଭ କଲେ ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

- ପ୍ରଦୂଷଣ ହ୍ରାସ କରିବାରେ ବୈଦ୍ୟୁତିକ ଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ - କହିଲେ ଶକ୍ତିମନ୍ତ୍ରୀ ମନୋହରଲାଲ

- ମରିସସ୍‌ରେ ସଂସଦୀୟ ନିର୍ବାଚନ ପାଇଁ ଚାଲିଛି ମତଗ୍ରହଣ ।

- ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆସନ୍ତା ବୁଧବାର ଦିନ ହେବ ଆଲୋଚନା ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ଚାରିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଆଜି ଖେଳାଯିବ ଦ୍ୱିତୀୟ ମ୍ୟାଚ୍ ।

---

## ମହାରାଷ୍ଟ୍ର-ମେନିଫେଷ୍ଟୋ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ମୁମ୍ବାଇରେ ଦଳର ସଂକଳ୍ପପତ୍ରର ଶୁଭାରମ୍ଭ କରିଛନ୍ତି । ଏହି ସଂକଳ୍ପପତ୍ର ମହାରାଷ୍ଟ୍ରବାସୀଙ୍କ ଆକାଂକ୍ଷାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ଶାହା କହିଛନ୍ତି । ରାଜ୍ୟର ମରୁଡ଼ି ମୁକାବିଲା ପାଇଁ ଜଳସେଚନ ପ୍ରକଳ୍ପ, ନଦୀଜଳ ପରିବର୍ତ୍ତନ ଏବଂ ଅତିରିକ୍ତ ମୌସୁମୀ ଜଳକୁ ମହାରାଷ୍ଟ୍ର ପାଇଁ ବ୍ୟବହାର କରିବାକୁ ବିଜେପି ତା'ର ସଂକଳ୍ପ ପତ୍ରରେ ପ୍ରତିଶ୍ରୁତି ଦେଇଛି । ଆଗାମୀ ୫ ବର୍ଷ ମଧ୍ୟରେ ୧ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି, ମହିଳା ସଶକ୍ତିକରଣ, ସୁଲଭ ଗୃହ ନିର୍ମାଣ, କୃଷି ଏବଂ ସ୍ୱଚ୍ଛ ଜଳ ପାଇଁ ସୌରଶକ୍ତିର ଉପଯୋଗ ଉପରେ ଦଳୀୟ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି । ଏହି ସଂକଳ୍ପପତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ତଥା ମନ୍ତ୍ରୀ ପୀୟୁଷ ଗୋଏଲ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ, ରାଜ୍ୟଶାଖା ସଭାପତି ଚନ୍ଦ୍ରଶେଖର ବାୱନକୁଲେ, ଆଶିଷ ସେଲାରଙ୍କ ସମେତ ଦଳର ରାଜ୍ୟସ୍ତରୀୟ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ମନୋହରଲାଲ – ଇଭି ପ୍ରୋଗ୍ରାମ

ଶକ୍ତିମନ୍ତ୍ରୀ ମନୋହରଲାଲ ଆଜି ନୂଆଦିଲ୍ଲୀରେ ବୈଦ୍ୟୁତିକ ଯାନ ର୍‍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ପ୍ରଦୂଷଣ ହ୍ରାସ କରିବାରେ

ବୈଦ୍ୟୁତିକ ଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି । ଏହି ଅବସରରେ ସେ 'ଇଭି ଆଜ୍ ଏ ସର୍ଭିସ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଗଣମାଧ୍ୟମ ସହ ଆଲୋଚନା ବେଳେ ମନ୍ତ୍ରୀ ଲାଲ କହିଛନ୍ତି ଶିଳ୍ପ କାର୍ଯ୍ୟକଳାପ ନିର୍ମାଣ ଏବଂ ପରିବହନ କ୍ଷେତ୍ରରୁ ଅଧିକ ପ୍ରଦୂଷଣ ହୋଇଥାଏ । ପ୍ରଦୂଷଣ ହ୍ରାସ ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ଲାଲ ଆହ୍ୱାନ ଦେଇଛନ୍ତି ।

## ଦିଲ୍ଲୀ-ପଲ୍ୟୁସନ

ଦିଲ୍ଲୀ ଏନ୍‌ସିଆର୍‌ରେ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସକାଳ ୭ଟାରେ ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ ୩୩୭ ରହିଥିଲା । ଦିଲ୍ଲୀ ସହରର କେତେକ ସ୍ଥାନରେ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ପରିସ୍ଥିତିରେ ରହିଥିବା ବୋର୍ଡ କହିଛି । ଦିଲ୍ଲୀ ଏବଂ ଏନ୍‌ସିଆର୍‌ରେ ଆସନ୍ତା ୨/୩ ଦିନ ପର୍ଯ୍ୟନ୍ତ ରାତି ଏବଂ ସକାଳ ସମୟରେ ଧୂଆଁ ଓ ଘନ କୁହୁଡି ଦେଖିବାକୁ ମିଳିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ମରିସସ୍ ଇଲେକ୍ସନ

ମରିସସ୍‌ରେ ସଂସଦୀୟ ନିର୍ବାଚନ ଚାଲିଛି । ଭାରତୀୟ ସମୟ ସକାଳ ସାଢ଼େ ୮ଟାରୁ ଆରମ୍ଭ ହୋଇଥିବା ମତଗ୍ରହଣ ସଂଧ୍ୟା ସାଢ଼େ ୭ଟା ଯାଏଁ ଚାଲିବ । ସର୍ବନିମ୍ନ ମଜୁରୀ ଏବଂ ପେନ୍‌ସନ୍ ବୃଦ୍ଧି ତଥା ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ମୂଲ୍ୟଯୁକ୍ତ ଟିକସ ହ୍ରାସ କରିବା ପ୍ରତିଶ୍ରୁତି ସହ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥଙ୍କ ନେତୃତ୍ୱାଧୀନ ଲେପେପ ମେଣ୍ଟ ନିର୍ବାଚନ ଲଢୁଛି ।

ଅନ୍ୟପକ୍ଷରେ ପେନ୍‌ସନ୍ ବୃଦ୍ଧି ପ୍ରତିଶ୍ରୁତି ପ୍ରଦାନ କରି ବିରୋଧୀଦଳଙ୍କ ୱୁଚେଞ୍ଜମେଣ୍ଟ ମେଣ୍ଟ ଏହି ନିର୍ବାଚନ ଲଢୁଛି । ଏଥିସହ ମାଗଣା ପରିବହନ ଏବଂ ଇଣ୍ଟରନେଟ୍ ସେବା ସହ ତୈଳଦର ହ୍ରାସ କରିବାକୁ ବିରୋଧୀ ମେଣ୍ଟ ନିର୍ବାଚନ ଇସ୍ତାହାରରେ ପ୍ରଚାର କରିଛନ୍ତି । ୧୯୬୮ ମସିହାରେ ବ୍ରିଟେନ୍‌ଠାରୁ ସ୍ୱାଧୀନତା ପ୍ରାପ୍ତ ହେବା ପରେ ଏହି ଦ୍ୱୀପଦେଶ ନିଜର ଆର୍ଥିକ, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ର ସହାୟତାରେ ଏକ ସମୃଦ୍ଧ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ ହୋଇଛି । ଆଫ୍ରିକାର ପୂର୍ବ ଉପକୂଳଠାରୁ ପ୍ରାୟ ୨ହଜାର କିଲୋମିଟର ଦୂରରେ ଥିବା ମରିସସ୍ ବିଶ୍ୱର ଅନ୍ୟତମ ସ୍ଥିର ଗଣତନ୍ତ୍ର ରାଷ୍ଟ୍ର ଭାବେ ସ୍ୱୀକୃତିଲାଭ କରିଛି ।

## କାନାଡ଼ା-ବ୍ରାମ୍ପଟନ ଗିରଫ

କାନାଡାର ବ୍ରାମ୍ପଟନଠାରେ ଏକ ହିନ୍ଦୁ ମନ୍ଦିରରେ ଗତ ୩ ତାରିଖରେ ସଂଗଠିତ ହିଂସାତ୍ମକ କାର୍ଯ୍ୟକଳାପରେ ଜଡିତ ଅଭିଯୋଗରେ ପୁଲିସ

ଆଉଜଣଙ୍କୁ ଗିରଫ଼ କରିଛି । ଗୋରେ ରୋଡସ୍ଥିତ ମନ୍ଦିରରେ ବିକ୍ଷୋଭ ସମୟରେ ଏହି ହିଂସାକାଣ୍ଡ ଘଟିଥିଲା । ଘଟଣାର ତଦନ୍ତ ପାଇଁ କାନାଡ଼ା ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି । ଏଭଳି ହିଂସାତ୍ମକ ଆଚରଣ ଆନ୍ତର୍ଜାତିକ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଭାରତ ଏହାକୁ ଦୃଢ଼ ନିନ୍ଦା କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଆକ୍ରମଣକୁ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିବା ସହ ଭାରତୀୟ କୂଟନୀତିଜ୍ଞଙ୍କୁ ଭୟଭୀତ କରିବାର ଏକ ପ୍ରୟାସ ବୋଲି କହିଛନ୍ତି । ସେଠାରେ ରହୁଥିବା ଭାରତୀୟ ସଂପ୍ରଦାୟଙ୍କୁ ଏକତା ବଜାୟ ରଖିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ନ୍ୟାୟ ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀ କାନାଡ଼ା ସରକାରଙ୍କୁ ଅନୁରୋଧ କରିଛନ୍ତି । ସୁରକ୍ଷା ଦୃଷ୍ଟିକୋଣରୁ ଟରଣ୍ଟୋସ୍ଥିତ ଭାରତୀୟ କନ୍ସଲେଟ ଜେନେରାଲ ଏବଂ ଅନ୍ୟ ଭାରତୀୟ ଦୂତାବାସଗୁଡ଼ିକ ପକ୍ଷରୁ ଆୟୋଜିତ ହେବାକୁ ଥିବା ଶିବିରକୁ ବାତିଲ କରିଦିଆଯାଇଥିଲା ।

## ବାଇଡେନ୍ ଟ୍ରମ୍ପ ମିଟ୍

ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବୁଧବାର ଦିନ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ହ୍ୱାଇଟ୍ ହାଉସ୍ ଗଣମାଧ୍ୟମ ସଚିବ କାରିନ୍ ଜିନ୍-ପିଏରେ ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ପୂର୍ବାହ୍ନ ୧୧ଟାରେ ଏହି ବୈଠକ ଅନୁଷ୍ଠିତ ହେବ । ବିଦାୟୀ ରାଷ୍ଟ୍ରପତି ଏବଂ ଆଗାମୀ ରାଷ୍ଟ୍ରପତିଙ୍କ ମଧ୍ୟରେ ଏହା ହେଉଛି ପରମ୍ପରାଗତ ସାକ୍ଷାତ୍ । ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର ନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ଜଣାପଡିଛି । ଆସନ୍ତା ଜାନୁଆରୀ ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ରାଷ୍ଟ୍ରପତି ନିର୍ବାଚନରେ ଅତିକମ୍‌ରେ ୩୦୧ଟି ଇଲେକ୍ଟୋରାଲ ଭୋଟ୍ ସହ ଶ୍ରୀ ଟ୍ରମ୍ପ ବିଜୟୀ ହୋଇଛନ୍ତି । ୪୫ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ଶ୍ରୀ ଟ୍ରମ୍ପ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଦୁଇଥର କାର୍ଯ୍ୟ କରିବେ । ଶ୍ରୀ ଟ୍ରମ୍ପଙ୍କ ପୂର୍ବରୁ ଗ୍ରୋଭର କ୍ଲିଭଲାଣ୍ଡ ଆମେରିକାର ୨୨ତମ ଏବଂ ୨୪ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ପୁଟିନ-ନର୍ଥ କୋରିଆ

ରୁଷ୍-ଉତ୍ତରକୋରିଆ ଦ୍ୱିପାକ୍ଷିକ ବିସ୍ତୃତ ରଣନୈତିକ ଭାଗିଦାରୀ ସ୍ଥାପନ ସଂକ୍ରାନ୍ତ ଚୁକ୍ତିକୁ ରୁଷ୍‌ର ସଂସଦରେ ଅନୁମୋଦନ ଲାଭ କରିଛି । ଦ୍ୱିପାକ୍ଷିକ ବିସ୍ତୃତ ରଣନୈତିକ ଭାଗିଦାରୀ ନେଇ ଗତ ଜୁନ୍ ୧୯ ତାରିଖରେ ପିଓଙ୍ଗୟାଙ୍ଗଠାରେ ଦୁଇଦେଶର ଶୀର୍ଷ ନେତା ଏକ ଚୁକ୍ତିରେ ସ୍ୱାକ୍ଷର କରିଥିଲେ ।  ଗତ ମାସ ୨୪ ତାରିଖରେ ରୁଷ୍‌ର ନିମ୍ନସଦନରେ ଏବଂ

ଗତ ୬ ତାରିଖରେ ଉଚ୍ଚ ସଦନରେ ଏହି ଚୁକ୍ତି ଅନୁମୋଦନ ଲାଭ କରିଛି । ଆଞ୍ଚଳିକ ଓ ବୈଶ୍ୱିକ ଶାନ୍ତି, ନିରାପତ୍ତା ଏବଂ ସ୍ଥିରତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଚୁକ୍ତି ପର୍ଯ୍ୟବେଶିତ ବୋଲି ଦୁଇଦେଶ ପକ୍ଷରୁ କୁହାଯାଇଛି । ଚୁକ୍ତିର ସର୍ତ୍ତାବଳୀ ଅନୁଯାୟୀ ଉଭୟ ରାଷ୍ଟ୍ର ପରସ୍ପରର ସାର୍ବଭୌମତ୍ୱ, କ୍ଷେତ୍ରିୟ ଅଖଣ୍ଡତା ଏବଂ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବା ଏବଂ ସମାନତା ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓ ସହଯୋଗକୁ ସମର୍ଥନ ପ୍ରଦାନ କରୁଥିବା ଆନ୍ତର୍ଜାତିକ ଆଇନ୍‌ର ନୀତିଗୁଡ଼ିକ ଉପରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ । ଏହି ଚୁକ୍ତି ଅନୁଯାୟୀ ମିଳିତ ଜାତିସଂଘ ଚାର୍ଟରର ଧାରା ୫୧ ଅନୁଯାୟୀ ରୁଷ୍ କିମ୍ବା ଉତ୍ତରକୋରିଆ ସଶସ୍ତ୍ର ଆକ୍ରମଣର ସମ୍ମୁଖୀନ ହେଲେ ଅନ୍ୟ ରାଷ୍ଟ୍ର ତୁରନ୍ତ ସାମରିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ବ୍ୟବସ୍ଥା ପ୍ରଦାନ କରିବ ।

## ଗ୍ରେଟରନଏଡା ଆକ୍ସିଡେଣ୍ଟ

ଗ୍ରେଟର ନଏଡା ଏକ୍ସପ୍ରେସ୍ ୱେରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରୁ ୩ଜଣ ପୁରୁଷ ଏବଂ ୨ଜଣ ମହିଳା ଅଛନ୍ତି । ଗ୍ରେଟରନଏଡାର ଟ୍ରାଫିକ  ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର୍ ସମୟରେ ନଏଡାରୁ ପରୀଛକ ଅଭିମୁଖେ କାର୍‌ରେ ଗୋଟିଏ ପରିବାରର ସଦସ୍ୟମାନେ ଯାଉଥିବାବେଳେ ଏକ ଟ୍ରକ୍

ସହ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ହିଁ ୫ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ତେବେ ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଥିବା ଟ୍ରାଫିକ ଅଧିକାରୀ ସୂଚନା ଦେଇଛନ୍ତି ।

## କ୍ରିକେଟ : ଭାରତ-ଦକ୍ଷିଣ ଆଫ୍ରିକା

ଭାରତ-ଦକ୍ଷିଣ ଆଫ୍ରିକା ୪ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଗବେହା'ର ସେଣ୍ଟ ଜର୍ଜ ପାର୍କ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ଖେଳାଯିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତ ଶୁକ୍ରବାର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଭାରତ ଦକ୍ଷିଣ ଆଫ୍ରିକାକୁ ୬୧ ରନ୍‌ରେ ପରାସ୍ତ କରିଥିଲା । ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ବୁଧବାର ଦିନ ସେଞ୍ଚୁରିଆନ୍ ଏବଂ ଚତୁର୍ଥ ମ୍ୟାଚ୍ ଶୁକ୍ରବାର ଜୋହାନ୍ସବର୍ଗଠାରେ ଖେଳାଯିବ । ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ଆଇଡେନ୍ ମାର୍କରମ୍ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଅଛନ୍ତି ।

## ଚେନ୍ନାଇ ଗ୍ରାଣ୍ଡମାଷ୍ଟର

ଚେନ୍ନାଇ ଗ୍ରାଣ୍ଡମାଷ୍ଟର୍ସ ୨୦୨୪ ପ୍ରତିଯୋଗିତା ଆସନ୍ତାକାଲି ଉଦ୍‌ଯାପିତ ହେବ । ଚେନ୍ନାଇର ଆନ୍ନା ଶତବାର୍ଷିକ ପାଠାଗାରରେ ଗତ ୫ ତାରିଖରୁ

ଚେସ୍ ଖେଳ ପାଇଁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଉଭୟ ମାଷ୍ଟର୍ସ ଏବଂ ଚ୍ୟାଲେଞ୍ଜର୍ସ ବର୍ଗରେ ଖେଳାଳି ଅଂଶଗ୍ରହଣ କରୁଛନ୍ତି । ପଞ୍ଚମ ରାଉଣ୍ଡରେ ଆମେରିକାର ଗ୍ରାଣ୍ଡମାଷ୍ଟର୍ସ ଲେଭୋନ ଆରୋଲିଆନ, ଫ୍ରାନ୍ସର ଗ୍ରାଣ୍ଡମାଷ୍ଟସଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ଦିଗରେ ଆଗୁଆ ଅଛନ୍ତି । ଚ୍ୟାଲେଞ୍ଜର୍ସ ବର୍ଗରେ ଗ୍ରାଣ୍ଡମାଷ୍ଟର ମୁରଲୀ କାର୍ତ୍ତିକେୟନ ଅନ୍ୟତମ ଗ୍ରାଣ୍ଡମାଷ୍ଟସ ଅଭିମନ୍ୟୁ ପୁରାଣିକଙ୍କୁ ପରାସ୍ତ କରି ପଞ୍ଚମ ରାଉଣ୍ଡର ଏକମାତ୍ର ପୂର୍ଣ୍ଣ ପଏଣ୍ଟ ହାସଲ କରିଛନ୍ତି ।

## ଜାପାନ ବର୍ଷା

ଜାପାନରେ ପ୍ରବଳ ବର୍ଷା ଯୋଗୁଁ ଓକିନାୱାର ଦକ୍ଷିଣାଞ୍ଚଳରେ ଭୂ-ସ୍ଖଳନ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ସେଠାକାର ପାଣିପାଗ ବିଭାଗ କହିଛି ଓକିନାୱାର ଉତ୍ତରଭାଗରେ ବର୍ଷା ମେଘ ସୃଷ୍ଟି ହେବା ସହ ଆଦ୍ରବାୟୁ ପ୍ରବାହିତ ହେଉଥିବାରୁ ବାୟୁମଣ୍ଡଳରେ ଅସ୍ଥିରତା ପରିଲକ୍ଷିତ ହୋଇଛି । ପାଣିପାଗ ବିଜ୍ଞାନ ସଂସ୍ଥା କହିଛି ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ବନ୍ୟା ଏବଂ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନର ଯଥେଷ୍ଟ ସମ୍ଭାବନା ରହିଛି । ବଜ୍ରପାତ ଏବଂ ଝଡ଼ତୋଫାନ ସହ ଜୋର୍‌ରେ ପବନ ହେବାର ଆଶଙ୍କା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।